# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**30 December - 2024**

**News Editor *: Itishree Singh Rathaur***

# ମନ୍ କି ବାତ୍

ଦେଶର ସମ୍ବିଧାନ ହେଉଛି ଦେଶର ମାର୍ଗଦର୍ଶକ ଏବଂ ସମ୍ବିଧାନର ନିର୍ମାତାମାନେ ଆମକୁ ଯେଉଁ ସମ୍ବିଧାନ ଦେଇଛନ୍ତି ତାହା ସବୁ ପରିସ୍ଥିତିରେ ଠିକ୍ ପ୍ରମାଣିତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆକାଶବାଣୀରେ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଗତକାଲି ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଆସନ୍ତା ଜାନୁଆରୀ ମାସ ୨୬ ତାରିଖରେ ଭାରତୀୟ ସମ୍ବିଧାନ ୭୫ ବର୍ଷ ପୂରଣ କରିବ । ସୂଚନାଯୋଗ୍ୟ ଚଳିତବର୍ଷ ନଭେମ୍ବର ମାସ ୨୬ତାରିଖ ସମ୍ବିଧାନ ଦିବସ ଠାରୁ ଏକବର୍ଷ ବ୍ୟାପୀ ସମ୍ବିଧାନ ସମ୍ବନ୍ଧୀୟ କାର୍ଯ୍ୟକ୍ରମମାନ କେନ୍ଦ୍ର ସରକାର ପାଳନ କରୁଛନ୍ତି ।

# ମୁଖ୍ୟମନ୍ତ୍ରୀ–ଚାଷ କ୍ଷୟକ୍ଷତି ଆକଳନ

ରାଜ୍ୟ ସରକାର କ୍ଷତିଗ୍ରସ୍ତ ଚାଷୀମାନଙ୍କ ଫସଲବୀମା ଓ ଅନ୍ୟାନ୍ୟ କ୍ଷୟକ୍ଷତିର ଆବେଦନ ତାରିଖକୁ ଆଜି ଦିନକ ପାଇଁ ବୃଦ୍ଧି କରିଛନ୍ତି । ମୁଖ୍ୟମନ୍ତ୍ରୀ ଗତକାଲି ନୟାଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀମାନଙ୍କର ଫସଲଜନିତ କ୍ଷୟକ୍ଷତିର ଅନୁଧ୍ୟାନ କରିବା ସହିତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସହାୟତା ରାଶି ପ୍ରଦାନ କରାଯିବ

ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସୂଚନା ଅନୁସାରେ ନୟାଗଡ ଜିଲ୍ଲାରେ ୬ହଜାର ୩୫୦ ହେକ୍ଟର, ଗଜପତି ଜିଲ୍ଲାରେ ୨୧ଶହ ୨୮ହେକ୍ଟରରୁ ଅଧିକ ଚାଷଜମିର ଫସଲ ନଷ୍ଟ ହୋଇଛି । ଗଞ୍ଜାମ ଜିଲ୍ଲାର ୩୭ହଜାର ୮୦୦ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିବା ସରକାରୀ ସୂତ୍ରରୁ ଜଣାପଡିଛି ।

## ଚାଷୀ ପଞ୍ଜିକରଣ

ରାଜ୍ୟ ସରକାର ଚାଷୀମାନଙ୍କ ପାଇଁ ପଞ୍ଜିକରଣ ପ୍ରକ୍ରିୟା ଆସନ୍ତା ବୁଧବାରଠାରୁ ଆରମ୍ଭ କରିବେ । ଡିଜିଟାଲ କୃଷି ଅଧୀନରେ ଅଫ୍‌ଲାଇନ ଓ ଅନ୍‌ଲାଇନ୍ ମାଧ୍ୟମରେ ଜାନୁଆରୀ ମାସ ୧ ତାରିଖରୁ ଚାଷୀ ପଞ୍ଜିକରଣ ଆରମ୍ଭ ହୋଇ ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଚାଷୀମାନେ ନିକଟସ୍ଥ ଜନସେବା କେନ୍ଦ୍ରରେ ମଧ୍ୟ ପଞ୍ଜିକରଣ କରାଇପାରିବେ । କୌଣସି ଅସୁବିଧାର ସମ୍ମୁଖୀନ ହେଲେ ୧୫୫-୩୩୩ ନମ୍ବରକୁ ଟେଲିଫୋନ କରି ଯୋଗାଯୋଗ କରିପାରିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ଚାଷ କ୍ଷୟକ୍ଷତି

ଲଘୁଚାପଜନିତ ଅଦିନିଆ ବର୍ଷା ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲାରେ ବ୍ୟାପକ ଫସଲହାନୀ ଘଟିଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କେନ୍ଦ୍ରାପଡା ଗସ୍ତରେ ଯାଇ ଫସଲ ନଷ୍ଟର ସମୀକ୍ଷା କରିଛନ୍ତି । କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ ଏବଂ କୌଣସି ଚାଷୀ ଏଥିରୁ ଯେପରି

ବଞ୍ଚିତ ନ ହୁଅନ୍ତି ସେଥିପାଇଁ ସରକାର ଯତ୍ନଶୀଳ ଅଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

# V/o-

## ମୁଖ୍ୟମନ୍ତ୍ରୀ - ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତିସ୍ୱୀକାରପତ୍ର ଏବଂ ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗପତ୍ର ସହିତ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ନିଜର ଅଭିଯୋଗ ଜଣାଇପାରିବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି।

## ଶ୍ରୀଜୀଉଙ୍କ ଦର୍ଶନ

ନୂଆବର୍ଷ ଉପଲକ୍ଷେ ଆସନ୍ତାକାଲି ଓ ଜାନୁଆରୀ ମାସ ପହିଲାରେ ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ଭକ୍ତମାନେ ସିଂହଦ୍ୱାର ଦେଇ ପ୍ରବେଶ କରିବେ ଏବଂ ଅନ୍ୟ ୩ ଦ୍ୱାର ଦେଇ ପ୍ରସ୍ଥାନ କରିପାରିବେ ।

# ଆକାଶବାଣୀ କାର୍ଯ୍ୟକ୍ରମ

୨୦୨୪ ମସିହାର ଶେଷ ଦିନରେ ବର୍ଷତମାମ ଘଟିଥିବା ପ୍ରମୁଖ ଘଟଣାକୁ ନେଇ ଆକାଶକବାଣୀ ସମାଚାର ବିଭାଗ ତରଫରୁ 'ଚର୍ଚ୍ଚାରେ-୨୦୨୪' ପ୍ରସ୍ତୁତ କରାଯାଇଛି । ଏହି ବିଶେଷ କାର୍ଯ୍ୟକ୍ରମ ଆକାଶବାଣୀ କଟକ କେନ୍ଦ୍ରରୁ ଆସନ୍ତାକାଲି ରାତି ୧୦ଟାରେ ପ୍ରସାରଣ କରାଯିବ ।

# ଆସନ୍ତାବର୍ଷ ଚନ୍ଦ୍ରଗ୍ରହଣ

ଆସନ୍ତା ବର୍ଷ ୨୦୨୫ରେ ୨ଟି ସୂର୍ଯ୍ୟପରାଗ ଓ ୨ଟି ଚନ୍ଦ୍ରଗ୍ରହଣ ଅନୁଷ୍ଠିତ ହେବ ବୋଲି ଜ୍ୟୋର୍ତିବିଜ୍ଞାନୀମାନେ ଅନୁମାନ କରିଛନ୍ତି । ଏଥିମଧ୍ୟରୁ ଭାରତରେ ଗୋଟିଏ ଦୃଶ୍ୟମାନ ହେବ । ସେପ୍ଟେମ୍ବର ମାସ ୭ କିମ୍ବା ୮ ତାରିଖରେ ଭାରତରେ ଚନ୍ଦ୍ରଗ୍ରହଣ ଦୃଶ୍ୟମାନ ହେବାର ସମ୍ଭାବନା ରହିଛି ।

# ହକି ଇଣ୍ଡିଆ ଲିଗ୍

ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମରେ ହକି ଇଣ୍ଡିଆ ଲିଗ୍‌ରେ ଗତକାଲି ରାହ ବେଙ୍ଗଲ ଟାଇଗର୍ସ ୩-୨ ଗୋଲ୍‌ରେ ହାଇଦ୍ରାବାଦ ତୋଫାନ୍ସ ହରାଇଥିବାବେଳେ ଅନ୍ୟଏକ ମ୍ୟାଚ୍‌ରେ ସୁରମା ହକି କ୍ଲବ ୪-୧ ସୁଟ୍‌ଆଉଟ୍‌ରେ ତାମିଲନାଡୁ ଡ୍ରାଗନ୍ସକୁ ହରାଇଛି ।

ୟୁପି ରୁଦ୍ରସ ଏବଂ ବେଦାନ୍ତ କଳିଙ୍ଗ ଲ୍ୟାନ୍ସର୍ସ ମଧ୍ୟରେ ଆଜି ରାତି ୮ଟା ୧୫ ମିନିଟ୍‌ରେ ମ୍ୟାଚ୍ ଖେଳାଯିବ ।

# ପାଣିପାଗ

ପାଣିପାଗ ବିଭାଗର ସୂଚନା ଅନୁସାରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ପାଗ ଶୁଖିଲା ରହିବା ସହିତ ରାତି ତାପମାତ୍ରା ହ୍ରାସ ପାଇବ । ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ସୁନ୍ଦରଗଡ, ଝାରସୁଗୁଡା ସହିତ ପଶ୍ଚିମ ଓଡ଼ିଶାର କେତେକ ସ୍ଥାନରେ ଅଧିକ ଥଣ୍ଡା ଅନୁଭୂତ ହେବ । ଅନ୍ୟପକ୍ଷରେ ଚଳିତ ସପ୍ତାହର ଶେଷଆଡକୁ ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ଆଉଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଓଡ଼ିଶା ଉପରେ ଏହାର ପ୍ରଭାବ ସମ୍ପର୍କରେ ସଠିକ ଆକଳନ କରାଯାଇ ନାହିଁ ।